କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ଇ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। **-ଶ୍ରୀଅରବିନ୍ଦ**



# ଦାୟୀ ହେବ କିଏ

ଇଞ୍ଜିନିୟରିଂ ଓ ଡାକ୍ତରୀ ପ୍ରବେଶିକା ପରୀକ୍ଷା ଯଥା-ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ଏବଂ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ସେପ୍ଟେମ୍ବରରେ କରିବା ଲାଗି ଜାତୀୟ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପ୍ରସ୍ତୁତି ଆରମ୍ଭ କରିଥିବା ବିଷୟ ନିକଟରେ ଘୋଷଣା କରିଥିଲା। ଏନ୍‌ଟିଏର କାର୍ଯ୍ୟସୂଚୀ ଅନୁଯାୟୀ ଜେଇଇ ମେନ୍ ୧ ସେପ୍ଟେମ୍ବରରୁ ୬ ସେପ୍ଟେମ୍ବର ଏବଂ ଏନ୍‌ଇଇଟି ପରୀକ୍ଷା ୧୩ ସେପ୍ଟେମ୍ବରରେ ହେବାକୁ ସ୍ଥିର ହୋଇଛି। ହେଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିଶୋଡିଆଙ୍କ ସମେତ ଦେଶବ୍ୟାପୀ ବିଭିନ୍ନ ସ୍ତରରୁ ଉକ୍ତ ପରୀକ୍ଷା ସ୍ଥଗିତ ରଖିବା ପାଇଁ କେନ୍ଦ୍ରକୁ ଜଣାଇ ଦିଆଯାଇସାରିଲାଣି। କୋଭିଡ୍-୧୯ ମହାମାରୀ ଓ ଭାରତର କେତେକ ସ୍ଥାନରେ ବନ୍ୟା ସ୍ଥିତି ଉଦ୍‌ବେଗଜନକ ଥିବାରୁ ଏଭଳି ସମୟରେ ପରୀକ୍ଷା କରାଯିବା ଠିକ୍ ନୁହେଁ ବୋଲି କୁହାଯାଉଛି। ଏପରି କି ଜେଇଇ ଓ ଏନ୍‌ଇଇଟି ପରୀକ୍ଷା ସ୍ଥଗିତ ହେବା ନେଇ ଦେଶବ୍ୟାପୀ ଆଲୋଚନା ଚାଲିଥିବା ବେଳେ ସ୍ୱିଡେନ୍ ପରିବେଶ ପ୍ରବକ୍ତା ଗ୍ରେଟା ଥନ୍‌ବର୍ଗ ଏହା ସପକ୍ଷରେ ଟୁଇଟ୍ କରିଛନ୍ତି। ଏଭଳି ସମୟରେ ପରୀକ୍ଷା କରାଯିବା ଅନ୍ୟାୟ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ସୁପ୍ରିମକୋର୍ଟ ପରୀକ୍ଷା ସ୍ଥଗିତ ରଖିବା ଆବେଦନକୁ ଖାରଜ କରିସାରିଛନ୍ତି। କୋର୍ଟ କହିଛନ୍ତି ଯେ, ପରୀକ୍ଷା ବିଳମ୍ବ ହେବା ଅର୍ଥ ଏକ ଶିକ୍ଷାବର୍ଷ ହାତରୁ ପଳାଇଯିବ। ମାତ୍ର ଶୀର୍ଷ ଅଦାଲତଙ୍କ ମତକୁ ଅନେକ ପରୀକ୍ଷାର୍ଥୀଙ୍କ ସମେତ ବିଭିନ୍ନ ବର୍ଗ ଗ୍ରହଣ କରିପାରୁନାହାନ୍ତି।

ଦୁଇଟି ପରୀକ୍ଷାରେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି। ସାଧାରଣତଃ ଏହି ପରୀକ୍ଷା ପ୍ରତିବର୍ଷ ଏପ୍ରିଲ ଓ ମେ' ମଧ୍ୟରେ ହୋଇଥାଏ। ଏହା ୩ ମାସ ବିଳମ୍ବ ହୋଇସାରିଲାଣି। କରୋନା ଭୂତାଣୁକୁ ପ୍ରତିହତ କରିବା ଲାଗି ସ୍ଥିତି କେବେ ସ୍ୱାଭାବିକ ହେବ ତାହା କହିହେଉ ନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ଟିକା ପାଇଁ ପ୍ରସ୍ତୁତି ଚାଲିଥିଲେ ମଧ୍ୟ ଏହା ୨୦୨୧ ପ୍ରଥମ ତ୍ରୈମାସ ପୂର୍ବରୁ ଆସିବା ସମ୍ଭାବନା କମ୍ ବୋଲି ବୈଜ୍ଞାନିକମାନେ କହିଲେଣି। ଯଦି ସେବେ ସ୍ଥିତି ସ୍ୱାଭାବିକ ହୋଇଯାଏ, ତାହା ହେଲେ ସମ୍ପୂର୍ଣ୍ଣ ଭାବେ ଇଞ୍ଜିନିୟରିଂ ଓ ଡାକ୍ତରୀ ପାଠ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ର ଏକ ଶିକ୍ଷାବର୍ଷ ନିଶ୍ଚିତ ହରାଇବେ। ଏତେ ଅସୁବିଧା ଆଖିକୁ ଦେଖାଯାଉଥିଲେ ମଧ୍ୟ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପରୀକ୍ଷାର୍ଥୀଙ୍କ ଶାରୀରିକ ଉପସ୍ଥିତି ବିପଦ ଆଣିବାର ସବୁ ଆଶଙ୍କା ରଖୁଛି। ପରୀକ୍ଷା କେନ୍ଦ୍ରକୁ ଆସି ପରୀକ୍ଷା ଦେବା ସପକ୍ଷରେ ଯୁକ୍ତି ବାଢୁଥିବା ବ୍ୟକ୍ତି କହୁଛନ୍ତି ଯେ, କୋଭିଡ୍-୧୯ ନିୟମାବଳୀ ପାଳନ କରାଯାଇ ପରୀକ୍ଷା ପରିଚାଳନା କରାଯାଇପାରନ୍ତା। ମଲ୍ ଖୋଲିବାକୁ ଅନୁମତି ଦିଆଯାଇସାରିଲାଣି। ଦେଶର ଅନେକ କ୍ଷେତ୍ର ଚଳଚଞ୍ଚଳ ହେଲାଣି। ସେହି ଦୃଷ୍ଟିରୁ ଦେଖିଲେ ଶିକ୍ଷା ଭଳି ମୌଳିକ ଭିତ୍ତିଭୂମିକୁ ଅଣଦେଖା କରାଯିବା ଉଚିତ ନୁହେଁ। ଜେଇଇ ବା ଏନ୍‌ଇଇଟି ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର କିଶୋର ହୋଇଥିବାରୁ ସେମାନେ କୋଭିଡ୍-୧୯ ନିୟମ ମାନି ଚଳିବା ଲାଗି ବିବେକୀ ସ୍ତରକୁ ଆସିଯିବେଣି। ଏଭଳିସ୍ଥଳେ ଏନ୍‌ଟିଏ ପକ୍ଷରୁ ସାମାଜିକ ଦୂରତ୍ୱ ବଜାୟ ରଖିବାର ଲକ୍ଷ୍ୟ ରଖାଯାଇ ଅଧିକ ପରୀକ୍ଷା କେନ୍ଦ୍ରର ଆୟୋଜନ କରାଯାଇପାରନ୍ତା। କିନ୍ତୁ ଏପରି କହିଦେବା ସହଜ ହୋଇଥାଏ। ଏହା ମଧ୍ୟ ଦେଖାଗଲାଣି ଯେ, କୋଭିଡ-୧୯ ଯୋଗୁ କେତେକ ଛାତ୍ରୀଛାତ୍ର ଆବେଦନ କରିଥିବା ପରୀକ୍ଷା କେନ୍ଦ୍ରଠାରୁ ବହୁ ଦୂରରେ ଅଛନ୍ତି। ଗମନାଗମନ ବ୍ୟବସ୍ଥା ସୁଗମ ହୋଇପାରି ନ ଥିବାରୁ ସେମାନଙ୍କୁ ସୂଚନା ଦିଆଯାଇଥିବା କେନ୍ଦ୍ରରେ ପହଞ୍ଚିବା କଷ୍ଟକର। ପୁଣି ଏହି ସମୟରେ ଦେଶର ବିଭିନ୍ନ ପ୍ରାନ୍ତରେ ବନ୍ୟା ପରିସ୍ଥିତି ଉପୁଜିଥିବାରୁ ବିଦ୍ୟାର୍ଥୀ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ସମ୍ଭବ ହୋଇ ନ ପାରେ।

ପ୍ରବେଶିକା ପରୀକ୍ଷା କରାଯିବ ନା ତାହାକୁ ଘୁଞ୍ଚାଇ ଦିଆଯିବ, ସେ ନେଇ ବିତର୍କ କରାଯିବା ଅପେକ୍ଷା ସମାଧାନର ସୂତ୍ର ବାହାର କରାଯିବା ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ବିଦ୍ୟାର୍ଥୀଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ। ଏଥିସହିତ ସେମାନଙ୍କ କ୍ୟାରିୟରକୁ ମଧ୍ୟ କର୍ତ୍ତୃପକ୍ଷ ଦୃଷ୍ଟିଦେବା ଦରକାର। ସେଥିପାଇଁ ମଧ୍ୟମ ପନ୍ଥା ହୋଇପାରେ ଅନ୍‌ଲାଇନ୍-ପରୀକ୍ଷା। ଜେଇଇ ଓ ଏନ୍‌ଇଇଟି ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ବିଦ୍ୟାର୍ଥୀ ଟେକ୍ନୋ ସାଭି ବା ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ହୋଇଥିବାରୁ ଘରେ ବସି ସେମାନେ ପରୀକ୍ଷା ଦେଇପାରନ୍ତେ। ଏବେ ଯେଉଁ ବ୍ୟବସ୍ଥା ଅଛି ସେଥିରେ ଏହି ଦୁଇ ପରୀକ୍ଷାରେ ଆସୁଥିବା ପ୍ରଶ୍ନଗୁଡ଼ିକ ଅବ୍‌ଜେକ୍ଟିଭ୍। ତାହାର ଉତ୍ତର ଦେବା ସକାଶେ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ଅନୁଯାୟୀ ଅନ୍‌ଲାଇନ୍ ପରୀକ୍ଷା କରାଗଲେ ପରୀକ୍ଷାର୍ଥୀଙ୍କ ପକ୍ଷେ ବହି ଦେଖିବା ବା ଚିଟିଂ କରିବା ସହଜ ହେବ ନାହିଁ। ବହି ଖେଳାଇ ଉତ୍ତର ଦେଲା ବେଳକୁ ଘଣ୍ଟି ବାଜିଯାଇଥିବ। ଅନ୍ୟପକ୍ଷରେ ଯେଉଁମାନେ ପରୀକ୍ଷା କେନ୍ଦ୍ର ମାଧ୍ୟମରେ ଜେଇଇ ଓ ଏନ୍‌ଇଇଟି ପରିଚାଳନା କରାଯାଉ ବୋଲି କହୁଛନ୍ତି, ସେମାନେ କୌଣସି ପ୍ରକାରର ଅସ୍ୱାଭାବିକ ପରିସ୍ଥିତି ପାଇଁ ଦାୟୀ ହେବେ କି ବୋଲି ପ୍ରଶ୍ନ କରାଯାଇପାରେ।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ଅଗଷ୍ଟ ୧୯୯୫**

- ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ପଶ୍ଚିମବଙ୍ଗରୁ ଦୁର୍ଗାପୁରକୁ ୪୦ କିଲୋମିଟର ଲମ୍ବ ବିଶିଷ୍ଟ ପ୍ରଥମ ସୁପର ହାଇୱେ ନିର୍ମାଣ କାର୍ଯ୍ୟ ଶେଷ।
- ଇମ୍‌ଫା ଶିଳ୍ପଗୋଷ୍ଠୀ ଦ୍ୱାରା ପରିଚାଳିତ ଇମ୍‌ପାକ୍ଟ ପକ୍ଷରୁ ଓଡ଼ିଶାର କୃତୀ କ୍ରୀଡ଼ାବିତ୍ ଶିବସୁନ୍ଦର ଦାସଙ୍କୁ ଏକଲବ୍ୟ ପୁରସ୍କାର ପ୍ରଦାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | | D | | | | | 9 | | 7 | | | |
| 4 | | 5 | 0 | | | | 7 | | 1 | E | | B | | |
| | | | | | | 1 | | 2 | C | | B | | | 7 |
| 1 | 3 | | | 7 | | | A | D | | 4 | 8 | | | |
| | 6 | | | 8 | 3 | | 5 | 9 | | 2 | 0 | | | |
| | | | | 2 | | A | 3 | 1 | | 0 | | C | | |
| | A | C | | 3 | | | | | 7 | | | E | | |
| | | | | | 8 | 7 | | | | | | | B | |
| | | | 1 | | | 6 | | C | | 3 | 5 | 2 | | |
| | | | 4 | | C | 5 | B | | | | | | | 0 |
| 5 | | B | | A | 7 | | | | | 8 | C | | | 4 |
| | 7 | | | | | | | | 5 | | | | 3 | |
| 2 | 8 | 9 | | B | | C | | | | D | | | | E |
| | 4 | | 3 | 0 | | | | | | B | E | 1 | | |
| 6 | 1 | | | | | 2 | | | A | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | A | 4 | B | 7 | C | 8 | E | 2 | 1 | 9 | 6 | 3 | D | 5 |
| 8 | C | D | 1 | 2 | E | 5 | 6 | 7 | A | B | 3 | 4 | 9 | 0 |
| 6 | 3 | 9 | A | D | 4 | 0 | 1 | C | 7 | 2 | 5 | B | 8 | E |
| B | 7 | E | 9 | 0 | 5 | 3 | 4 | A | D | 8 | C | 1 | 2 | 6 |
| 5 | 2 | 1 | 8 | 6 | 3 | B | D | 9 | 0 | 4 | E | A | C | 7 |
| E | D | A | 3 | 8 | 6 | C | 7 | 0 | 5 | 1 | 2 | 9 | 4 | B |
| 2 | 5 | 0 | 4 | 1 | D | 6 | A | E | 9 | C | B | 8 | 7 | 3 |
| 4 | B | 7 | 5 | C | 9 | 1 | 3 | D | E | 0 | 8 | 2 | 6 | A |
| C | 6 | 3 | 0 | A | B | 2 | 9 | 8 | 4 | D | 7 | 5 | E | 1 |
| 1 | 9 | 8 | 7 | E | 2 | 4 | 5 | B | 3 | 6 | A | D | 0 | C |
| 7 | 0 | 6 | 2 | B | 1 | 9 | C | 3 | 8 | A | 4 | E | 5 | D |
| 9 | 1 | 5 | D | 4 | A | E | B | 6 | 2 | 7 | 0 | C | 3 | 8 |
| 3 | 8 | B | 6 | 5 | 7 | D | 2 | 4 | C | E | 1 | 0 | A | 9 |
| A | E | 2 | C | 9 | 0 | 7 | 8 | 5 | B | 3 | D | 6 | 1 | 4 |
| D | 4 | C | E | 3 | 8 | A | 0 | 1 | 6 | 5 | 9 | 7 | B | 2 |

ଗତକାଲିର ଉତ୍ତର

# ତୈଳର ବିକଳ୍ପ ସବୁଜ ଶକ୍ତି



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ଏବେ ତୈଳ ଦର ବଢ଼ିବଢ଼ି ଚାଲିଛି। ତୈଳ ବ୍ୟବହାର ଯୋଗୁ ବାୟୁ ପ୍ରଦୂଷିତ ହୋଇ ଆମ ହାରାହାରି ଆୟୁଷ ହ୍ରାସ ପାଉଛି ଓ ଦିଲ୍ଲୀରେ ୯.୪ ବର୍ଷ ହ୍ରାସ ପାଇଲାଣି। ଆଗକୁ ତୈଳ ବିକଳ୍ପ ସ୍ୱଚ୍ଛ ଇନ୍ଧନରେ ଯାନ ଚାଲିବ। ଏହାଦ୍ୱାରା ତୈଳ ବ୍ୟବହାର ଓ ଦରହ୍ରାସ ପାଇ ତୈଳ ଉତ୍ପନ୍ନକାରୀ ରାଷ୍ଟ୍ରଙ୍କ ସମସ୍ୟା ବଢ଼ିଯିବ। ଗତ ଜୁନ୍ ୬ ତାରିଖରୁ ଜୁଲାଇ ଶେଷ ମଧ୍ୟରେ ତୈଳ ବିପଣନ କମ୍ପାନୀଗୁଡ଼ିକ ଡିଜେଲ୍ ଦର ୨୯ ଥର ଓ ପେଟ୍ରୋଲ୍ ଦର ୨୧ ଥର ବୃଦ୍ଧି କରିଛନ୍ତି। ଡିଜେଲ୍ ଓ ପେଟ୍ରୋଲ୍ ଦରବୃଦ୍ଧିର ପ୍ରମୁଖ କାରଣ ହେଲା, ତୈଳ ଉତ୍ପାଦନକାରୀ ରାଷ୍ଟ୍ରଙ୍କ ଲାଭଖୋର ମନବୃତ୍ତି। ଅପରପକ୍ଷରେ ତୈଳ ପମ୍ପ ମୂଲ୍ୟର ବଡ଼ ଅଂଶ ଟିକସ ଆକାରରେ ଯାଏ ସରକାରୀ ତହବିଲ୍‌କୁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ହେଉଛି ତୈଳ ମୂଲ୍ୟର ୬୬%। ଭାରତରେ ତୈଳର ଖୁଚୁରା ମୂଲ୍ୟ ଏସିଆରେ ସର୍ବାଧିକ। ପାକିସ୍ତାନରେ ତୈଳ ମୂଲ୍ୟ ଭାରତର ମୂଲ୍ୟର ଅଧା।

ତୈଳ ଉତ୍ପାଦନକାରୀ ରାଷ୍ଟ୍ର କିପରି ମନମୁଖି ତୈଳଦର ବୃଦ୍ଧି କରନ୍ତି, ତା'ର ଏକ ଉଦାହରଣ ଦେବା। ୨୦୦୮ ମସିହାରେ ତୈଳ ଉତ୍ପାଦନକାରୀ ରାଷ୍ଟ୍ରମାନେ ସଲାସୁତୁରା କରି ଅଶୋଧିତ ତୈଳ ଉତ୍ପାଦନ ହ୍ରାସ କଲେ ଓ ନିଅଣ୍ଟିଆ ବଜାର ସୃଷ୍ଟିକରି ତୈଳଦର ବୃଦ୍ଧି କଲେ। ସେତେବେଳେ ଜନଅସନ୍ତୋଷ ତୀବ୍ର ହେଲା। ତୈଳ ଉତ୍ପାଦନକାରୀ ରାଷ୍ଟ୍ରସମୂହର ସେକ୍ରେଟାରୀ ଜେନେରାଲ ଅବଦୁଲ ବାଦ୍ରୀ ଜନ ଅସନ୍ତୋଷରେ ବ୍ୟଥିତ ହୋଇ ତୈଳଦର ବୃଦ୍ଧିରେ ହସ୍ତକ୍ଷେପ କରିବାରୁ ଉକ୍ତ ରାଷ୍ଟ୍ରମାନେ ଉତ୍ପାଦନ ବୃଦ୍ଧି କଲେ ଓ ତୈଳଦର ଖସିଲା। ଏବେ ଆକଳନ କରାଗଲାଣି, ଆଗକୁ ତୈଳଚାଳିତ ଯାନ ରାସ୍ତାରୁ ଧୀରେ ଧୀରେ ଉଭେଇଯିବ ଓ ତୈଳ ଉତ୍ପାଦନ ସାଙ୍ଗକୁ ଦର ମଧ୍ୟ ହ୍ରାସ ପାଇବ।

୨୦୧୭ ମେ ୨୧ରେ ଏକ ପ୍ରମୁଖ ଖବର ପ୍ରକାଶ ପାଇଥିଲା। ସେଥିରେ ଜଣେ ଆମେରିକୀୟ ଅର୍ଥନୀତିଜ୍ଞଙ୍କ ପୂର୍ବାନୁମାନ ସମ୍ପର୍କରେ ଦର୍ଶାଯାଇଥିଲା ଯେ, ୮ ବର୍ଷରେ ରାସ୍ତାରୁ ଉଭେଇଯିବ ପେଟ୍ରୋଲ୍ କାର। ୨୦୨୪ ସୁଦ୍ଧା ଖୁବ୍ ସଙ୍କୁଚିତ ହୋଇଯିବେ ଡିଲର୍ ଓ ୨୫ ଡଲାରକୁ ଖସିଆସିବ ଅଶୋଧିତ ତୈଳ ବ୍ୟାରେଲ୍। ଆଗକୁ ସମସ୍ୟା ବଳୟକୁ ଆସିବେ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ଓ ରାଜୁତି କରିବ ଇଲେକ୍‌ଟ୍ରୋନିକ୍ ଯାନ।

ନୀତି ଆୟୋଗ ପକ୍ଷରୁ ସେପ୍ଟେମ୍ବର ୨୦୧୮ରେ ଆୟୋଜିତ ଗ୍ଲୋବାଲ୍ ମୋବିଲିଟି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛ ଇନ୍ଧନ ବ୍ୟବହାର କରି ପରିବେଶ ପ୍ରଦୂଷଣରେ ରୋକ୍ ଦେବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ଇଲେକ୍‌ଟ୍ରିକ୍ ଯାନ ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରିବାକୁ କେନ୍ଦ୍ର ସରକାର ଏକ ସ୍ଥିର ନୀତି ଆଣିବାକୁ ପ୍ରତିଶ୍ରୁତିବଦ୍ଧ। ନୀତି ଆୟୋଗ କହିଛି, ଦେଶବାସୀ ଇଲେକ୍‌ଟ୍ରୋନିକ୍ ସ୍କୁଟର ବ୍ୟବହାର କଲେ ଆସନ୍ତା ୫ରୁ ୭ ବର୍ଷ ମଧ୍ୟରେ ଅଶୋଧିତ ତୈଳ କିଣା ବାବଦରେ ୧.୨ ଲକ୍ଷ କୋଟି ଟଙ୍କା ଦେଶରେ ସଞ୍ଚୟ ହୋଇପାରିବ।

ତୈଳ ଦହନରୁ ନିର୍ଗତ ବାୟୁ ପ୍ରଦୂଷଣକାରୀ ଅଙ୍ଗାରକାମ୍ଳ, ମିଥେନ୍, ହାଇଡ୍ରୋକାର୍ବନ୍ ଇତ୍ୟାଦି ଗ୍ୟାସ୍ ବିଶ୍ୱରେ ବାୟୁ ପ୍ରଦୂଷଣଜନିତ ସମସ୍ୟା ସୃଷ୍ଟି କଲାଣି। ବାୟୁ ପ୍ରଦୂଷଣ ଯୋଗୁ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ସୃଷ୍ଟି ହେଲାଣି। ଘନ ଘନ ବାତ୍ୟା, ଗ୍ରୀଷ୍ମର ତୀବ୍ରତା ଓ ଅବଧି ବୃଦ୍ଧି, ଅନାବୃଷ୍ଟି, ସ୍ୱଳ୍ପ ବୃଷ୍ଟି, ସ୍ୱଳ୍ପ ସମୟରେ ବାଦଲ ଫଟା ବୃଷ୍ଟି, ଶୀତ ଅବଧି ହ୍ରାସ ଇତ୍ୟାଦି ଘଟୁଛି ବାୟୁପ୍ରଦୂଷଣରୁ। ବାୟୁ ପ୍ରଦୂଷଣ ମନୁଷ୍ୟର ଆୟୁଷ ହ୍ରାସ କରି ନୀରବ ଘାତକ ସାଜିଲାଣି। ବାୟୁ ପ୍ରଦୂଷଣ କିପରି ମାନବ ସମାଜର ହାରାହାରି ଆୟୁଷ ହ୍ରାସ କରୁଛି, ତା'ର ଏକ ଦୃଷ୍ଟାନ୍ତ ଦେବା। ଏୟାର କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସ ୨୦୨୦ ବାର୍ଷିକ ରିପୋର୍ଟରେ କୁହାଯାଇଛି, ବାଂଲାଦେଶ ପରେ ଭାରତ ଦ୍ୱିତୀୟ ସର୍ବାଧିକ ବାୟୁ ପ୍ରଦୂଷିତ ରାଷ୍ଟ୍ର। ମହାମାରୀ ଓ ଯୁଦ୍ଧଠାରୁ ବାୟୁ ପ୍ରଦୂଷଣ ଅଧିକ ବିପଜ୍ଜନକ। ବାୟୁ ପ୍ରଦୂଷଣ ଯୋଗୁ ଲୋକଙ୍କ ମସ୍ତିଷ୍କ, ଫୁସ୍‌ଫୁସ୍ ଓ ଶରୀରର ଅନ୍ୟାନ୍ୟ ଅଙ୍ଗ ଉପରେ କୁପ୍ରଭାବ ପକାଇ ଆୟୁଷ ହ୍ରାସ କରିଚାଲିଛି। ଭାରତରେ ସର୍ବାଧିକ ବାୟୁ ପ୍ରଦୂଷଣ ହୋଇଛି ଲକ୍ଷ୍ନୌରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଧାର୍ଯ୍ୟ ବାୟୁ ପ୍ରଦୂଷଣଠାରୁ ଏଠାରେ ପ୍ରଦୂଷଣ ୧୧ଗୁଣ ଅଧିକ ହୋଇ ଲୋକଙ୍କ ହାରାହାରି ଆୟୁଷ ୧୦.୩ ବର୍ଷ ହ୍ରାସ ପାଉଛି। ଯେଉଁ ଯେଉଁ ରାଜ୍ୟରେ ବାୟୁ ପ୍ରଦୂଷଣଜନିତ ହାରାହାରି ଆୟୁଷ ହ୍ରାସ ପାଉଛି, ସେଗୁଡ଼ିକ ହେଲା- ଉତ୍ତରଭାରତ ରାଜ୍ୟରେ ୮ ବର୍ଷ, ଦିଲ୍ଲୀରେ ୯.୪ ବର୍ଷ, ପଶ୍ଚିମବଙ୍ଗ ଓ ବିହାରରେ ୭ ବର୍ଷ। ଉକ୍ତ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଯୁଦ୍ଧ ଓ ଆତଙ୍କବାଦ ଯୋଗୁ ଭାରତରେ ହାରାହାରି ଆୟୁଷ କମିଛି ୨୩ ଦିନ।

ତୈଳ ଉତ୍ପନ୍ନ ପରେ ତାକୁ ଦହନ କରି ସେଥିରୁ ଶକ୍ତି ଉତ୍ପନ୍ନ କରି ସେ ଶକ୍ତିରେ ଯାନବାହନ, କଳକାରଖାନା, ଯନ୍ତ୍ରପାତି ଇତ୍ୟାଦି ଚଳାଇବାକୁ ହୁଏ। ଏ ଦହନରୁ ପ୍ରଦୂଷିତ ଗ୍ୟାସ୍ ଓ ଧୂଆଁ ନିର୍ଗତ ହେଉଥିବାରୁ ଏ ଶକ୍ତିକୁ କୁହାଯାଏ କୃଷ୍ଣଶକ୍ତି। ଏ ତୈଳ ଉତ୍ସ ବାହାରେ ଆହୁରି ଅନେକ ଉତ୍ସରୁ ଯେଉଁସବୁ ଶକ୍ତି ଉତ୍ପନ୍ନ କରାଯାଏ, ତାକୁ କୁହାଯାଏ ସ୍ୱଚ୍ଛ ଇନ୍ଧନରୁ ସବୁଜ ଶକ୍ତି। ସବୁଜଶକ୍ତି ଦ୍ୱାରା ଯାନବାହନ ଚଳାଚଳ, ରାସ୍ତା, ଗୃହ ଆଦି ଆଲୋକିତ କରାଗଲାଣି। ସବୁଜ ଶକ୍ତିର ଉତ୍ସ ସବୁ ହେଲା, ପବନ, ଖରା, ଜଳବିଦ୍ୟୁତ୍, ଉଦ୍ଭିଦର ତୈଳ, ଉଦ୍‌ଯାନ, ଆଣବିକ ପଦାର୍ଥ, ତରଙ୍ଗ, ଭୂତଳ ଉତ୍ତାପ, ଗୋବର ଗ୍ୟାସ୍ ଇତ୍ୟାଦି। ସବୁଜ ଶକ୍ତି ଉତ୍ପାଦନ ଓ ବ୍ୟବହାର ବୃଦ୍ଧି କରିବାକୁ ଆମ ରାଜ୍ୟରେ ୨୦୧୩ ମସିହାରୁ ସବୁଜ ଶକ୍ତି ଉନ୍ନୟନ ନିଗମ ଗଠନ କରାଯାଇଛି। ସେଥିରେ ବିଭିନ୍ନ ଉତ୍ସରୁ ଯେତେ ପରିମାଣର ଶକ୍ତି (ମେଗାୱାଟ୍‌ରେ) ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ସେସବୁ ହେଲା- ଖରା (ସୌରଶକ୍ତି)ରୁ ୧୪,୦୦୦, ପବନରୁ ୧,୭୦୦, ଗୋବର ଗ୍ୟାସ୍‌ରୁ ୩୫୦, କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପରୁ ୧୬୦, ବର୍ଜ୍ୟବସ୍ତୁରୁ ୨୦, ସର୍ବମୋଟ୍ ୧୬,୨୩୦ ମେଗାୱାଟ୍।

ଆମ ରାଜ୍ୟ ଓ ଦେଶରେ ପ୍ରବଳ ଖରା ହୁଏ। ଏଥିରୁ ପ୍ରଚୁର ସୌରଶକ୍ତି ଉତ୍ପନ୍ନ କରାଯାଇପାରିବ। ସୌରଶକ୍ତିର ବିଶେଷତ୍ୱ ହେଉଛି, ଅପହଞ୍ଚ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳରେ ସୌରଶକ୍ତି ମିଳିପାରିବ। ସୌରଶକ୍ତି ବିଭିନ୍ନ କାର୍ଯ୍ୟରେ ଲାଗିବା ସାଙ୍ଗକୁ, ସୌରଶକ୍ତିରେ ଦି'ଚକିଆ, ତିନିଚକିଆ, ଚାରିଚକିଆ ଯାନ ଚାଲିଲାଣି ଓ ଏପରି କି ଉଡ଼ାଜାହାଜ ଚାଲିଲାଣି। ସାହାରା ମରୁଭୂମିରେ ମିଳୁଥିବା ସୌରଶକ୍ତି ଦ୍ୱାରା ସାରା ୟୁରୋପକୁ ଆଲୋକିତ କରିବା ପାଇଁ ବୈଜ୍ଞାନିକମାନେ ଆକଳନ କରିଛନ୍ତି। ଶକ୍ତି ଇତିହାସରୁ ଜଣାଯାଏ, ୪,୦୦୦ ବର୍ଷ ପୂର୍ବରୁ ମନୁଷ୍ୟ ପବନଶକ୍ତି ବ୍ୟବହାର ଜାଣିଥିଲା। ପବନ ଶକ୍ତିର ବିଶେଷତ୍ୱ ହେଲା, ଏହା ପୃଥିବୀର କୋଣ ଅନୁକୋଣରେ ମିଳିପାରିବ। ୧୪୦୦ ବର୍ଷ ପୂର୍ବେ ପାରସ୍ୟର ଲୋକେ ପବନ ଶକ୍ତିରେ ଶସ୍ୟକୁ ଗୁଣ୍ଡ କରୁଥିଲେ। ୧୮୦୦ ମସିହା ବେଳକୁ ୟୁରୋପ ଓ ଚାଇନାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ପବନ କଳ ଚାଲୁଥିଲା। ୧୯୩୦ ମସିହା ବେଳକୁ ଆମେରିକାରେ ୬ ଲକ୍ଷ ପବନ କଳ ଚାଲି ଜଳ ଉତ୍ତୋଳନ ସାଙ୍ଗକୁ, ବିଜୁଳି ଉତ୍ପାଦନ ହେଉଥିଲା। ଭାରତରେ ପବନ ଶକ୍ତିରୁ ୮୦,୦୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ ହୋଇପାରିବ। ପବନରୁ ଅତି ଶସ୍ତାରେ ଶକ୍ତି ଉତ୍ପାଦନ କରାଯାଏ। ୨୦୧୨ ମସିହାରେ ବାର୍ଷିକ ୧୧.୬୨ ବିଲିୟନ କିଲୋୱାଟ୍ ଆୱାର ବାର୍ଷିକ ପବନ ଶକ୍ତି ବ୍ୟବହାର କରାଯାଇଥିବା ଯୋଜନା କମିଶନ ସୂତ୍ରରୁ ଜଣାଯାଏ। ଜାଟ୍ରୋଫା ବା ବାଇଗବା ଗଛ ଫଳରୁ ବାହାରୁଥିବା ତୈଳରେ ଚାରିଚକିଆ, ଦୁଇଚକିଆ ଯାନ ଚାଲିଲାଣି। ଶସ୍ତାରେ ମିଳୁଥିବା ବାଇଗବା ତୈଳ ସହ ଜେଟ୍ ତୈଳ ମିଶାଇ ନ୍ୟୁଜିଲାଣ୍ଡରେ ବିମାନ ଚାଲିଲାଣି। ଆମ ଦେଶ ଓ ରାଜ୍ୟରେ ବାଇଗବା ଚାଷର ସୁଯୋଗ ଅଛି।

ପୃଥିବୀରେ ଗଚ୍ଛିତ ତେଜସ୍କ୍ରିୟ ପଦାର୍ଥରୁ ପରମାଣୁ ଶକ୍ତି ଉତ୍ପାଦନ କରାଯାଏ। ପୃଥିବୀରେ ଏହାର ଭଣ୍ଡାର ଏତେ ଅଛି ଯେ, ଏଥିରୁ ଉତ୍ପନ୍ନ ଶକ୍ତି ଦ୍ୱାରା ବିଶ୍ୱବାସୀଙ୍କ ଆବଶ୍ୟକ ସମସ୍ତ ଶକ୍ତି ଶହ ଶହ ବର୍ଷ ପୂରଣ କରିପାରିବ। ଭାରତରେ ପରମାଣୁ ଶକ୍ତି ଉତ୍ପାଦନର ଶୁଭାରମ୍ଭ କରାଯାଇଥିଲା ୧୯୬୯ ମସିହାରେ ବମ୍ବେର ତାରାପୁରଠାରେ ସ୍ଥାପନ କରାଯାଇଥିବା ପ୍ରଥମ ରିଆକ୍ଟରରୁ। ୨୦୧୬ ମସିହା ବେଳକୁ ଦେଶରେ ୧୭ଟି ରିଆକ୍ଟରରୁ ୪,୧୨୦ ମେଗାୱାଟ୍ ଶକ୍ତି ଉତ୍ପନ୍ନ କରାଯାଇଥିଲା ଓ ୨୦୨୦ ବେଳକୁ ଏହାର ଉତ୍ପାଦନ ଲକ୍ଷ୍ୟ ୨୦,୦୦୦ ମେଗାୱାଟ୍‌କୁ ରଖାଯାଇଥିଲା।

୧୯୭୦ ମସିହାରେ ବିଶ୍ୱରେ ତୈଳ ସଂକଟ ଦେଖାଗଲା ବେଳେ, ଉଦ୍‌ଯାନ ଇନ୍ଧନର ପରିକଳ୍ପନା କରାଯାଇଥିଲା। ତରଳ ଉଦ୍‌ଯାନକୁ ପେଟ୍ରୋଲ ପରି ବ୍ୟବହାର କରି ପେଟ୍ରୋଲିୟମର ୩ ଗୁଣ ଶକ୍ତି ଉତ୍ପାଦନ କରାଯାଇପାରେ। ପ୍ରଥମେ ୨୦୦୯ ମସିହାରେ ଅଷ୍ଟ୍ରେଲିଆ ସରକାର ଉଦ୍‌ଯାନ ଶକ୍ତିରେ ଚାଳିତ ୩ଟି ବସ୍‌କୁ ରାସ୍ତାକୁ ଛାଡ଼ିଥିଲେ। ସେହିବର୍ଷ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଦେଶର ପ୍ରଥମ ଉଦ୍‌ଯାନ ଇନ୍ଧନ ପମ୍ପ ଦିଲ୍ଲୀରେ ପ୍ରତିଷ୍ଠା କଲେ।

ଉପରୋକ୍ତ ବିଭିନ୍ନ ଶକ୍ତି ଉତ୍ସରୁ ନିର୍ମଳ ବା ସବୁଜ ଶକ୍ତି ଉତ୍ପାଦନ କରି ପ୍ରଦୂଷଣକାରୀ ତୈଳଶକ୍ତିଠାରୁ ଦୂରେଇ ଆସିପାରିବା।

କୋଟିତୀର୍ଥ, ଭୁବନେଶ୍ୱର
ମୋ: ୭୦୦୮୮୪୬୨୭୨

# ପୈତୃକ ସମ୍ପତ୍ତିରେ କନ୍ୟାସନ୍ତାନର ଅଧିକାର



ନଗେନ୍ଦ୍ର ନାଥ ପଟ୍ଟନାୟକ

ଏଇ ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ମହିଳାଙ୍କ ଅଧିକାର କ୍ଷେତ୍ରରେ ଏକ ଯୁଗାନ୍ତକାରୀ ରାୟ ଶୁଣାଇଛନ୍ତି। ଶୀର୍ଷ ଅଦାଲତ ଦର୍ଶାଇଛନ୍ତି ଯେ ପୈତୃକ ସମ୍ପତ୍ତି ଉପରେ ପୁତ୍ରଙ୍କ ଭଳି କନ୍ୟାର ମଧ୍ୟ ସମାନ ଅଧିକାର ରହିଛି, ସେଥିରୁ ଟିକିଏ ବି କମ୍ ନୁହେଁ। ଏଥିସହିତ ସୁପ୍ରିମକୋର୍ଟ ମଧ୍ୟ ପରିଷ୍କାର ଭାବେ ସୂଚାଇଛନ୍ତି ଯେ, କନ୍ୟାଟିଏ ଜନ୍ମ ହେବାମାତ୍ରେ ପୈତୃକ ସମ୍ପତ୍ତିର ଦାବିଦାର ପାଲଟିଯାଏ। ମୁଖ୍ୟ ନ୍ୟାୟାଧୀଶ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଏଭଳି ଏକ ଐତିହାସିକ ରାୟ ଶୁଣାଇଛନ୍ତି। ସୁପ୍ରିମକୋର୍ଟ ନିଜର ଏହି ଗୁରୁତ୍ୱପୂର୍ଣ୍ଣ ରାୟରେ ହିନ୍ଦୁ ଉତ୍ତରାଧିକାରୀ ଅଧିନିୟମକୁ ବ୍ୟାଖ୍ୟାନ କରି କହିଛନ୍ତି, କୌଣସି କନ୍ୟାସନ୍ତାନକୁ ପୈତୃକ ସମ୍ପତ୍ତିରୁ ବଞ୍ଚିତ କରାଯାଇ ପାରିବ ନାହିଁ। ହିନ୍ଦୁ ଉତ୍ତରାଧିକାରୀ ଆଇନ୍, ୧୯୫୬ର ସଂଶୋଧନ ପୂର୍ବରୁ କନ୍ୟାଟିଏ ଜନ୍ମ ହେଉ କି ପରେ ପୁତ୍ରସନ୍ତାନ ପରି ପୈତୃକ ସମ୍ପତ୍ତି ଉପରେ ତା'ର ବି ସମାନ ଅଧିକାର ରହିଛି। ତେବେ ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ମହିଳାମାନେ ସାମାଜିକ ସମ୍ପର୍କକୁ ଧ୍ୟାନରେ ରଖି ନିଜ ପିତାଙ୍କ ସମ୍ପତ୍ତିରୁ ନ୍ୟାଯ୍ୟ ଭାଗ ଦାବି କରିଥାନ୍ତି, ଯାହାଫଳରେ ହିନ୍ଦୁ ଉତ୍ତରାଧିକାରୀ ସଂଶୋଧନ ଆଇନ ୨୦୦୫ ଅନେକ ମହିଳାଙ୍କ ପାଇଁ ବଡ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଖାସ୍ ଏଥିଯୋଗୁ ବିଗତ ପନ୍ଦରବର୍ଷ ଧରି ଅଧିକାଂଶ ମହିଳାଙ୍କୁ ନିଜ ପୈତୃକ ସମ୍ପତ୍ତିର ଅଧିକାରରୁ ବଞ୍ଚିତ ହେବାର ଦେଖିବାକୁ ମିଳିଥିଲା।

ଏହି ସଦ୍ୟତମ ମାମଲାର ଶୁଣାଣି କଲାବେଳେ ଦୁଇଟି ରାୟ ଯଥା-ପ୍ରକାଶ ବନାମ ଫୁଲମତି (୨୦୧୬) ଓ ଦନାମ୍ମା ଓରଫ ସମନ ସରପୁର ବନାମ ଅମନ (୨୦୧୮) କ୍ଷେତ୍ରରେ ବିରୋଧାଭାସ ପରିଦୃଷ୍ଟ ହେବାରୁ ସୁପ୍ରିମକୋର୍ଟ ଆଇନ ବ୍ୟବସ୍ଥାକୁ ନିର୍ଦ୍ଧାରଣ କରିବା ସକାଶେ ସ୍ୱର୍ଣ୍ଣକାତର ମାମଲାଟିକୁ ତିନି ବିଚାରପତିଙ୍କୁ ହସ୍ତାନ୍ତର କରିଥିଲେ। ବିଚାରପତି ଅରୁଣ ମିଶ୍ର, ଏସ.ଅବଦୁଲ ନଜିର ଓ ଏମ.ଆର. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ଯେହେତୁ କନ୍ୟାସନ୍ତାନ ଜନ୍ମରୁ ପୈତୃକ ସମ୍ପତ୍ତି ଉପରେ ଅଧିକାର ପ୍ରାପ୍ତ କରିସାରିଛି। ତେଣୁ ସଂଶୋଧନ ଆଇନ ଲାଗୁହେବା ଦିନଠାରୁ ପିତା ଜୀବିତ ରହିବା କଥାର କୌଣସି ଆବଶ୍ୟକତା ନାହିଁ। ବିଶେଷକରି ତିନିଜଣିଆ ଖଣ୍ଡପୀଠର ଅଧ୍ୟକ୍ଷ ନ୍ୟାୟାଧୀଶ ଅରୁଣ ମିଶ୍ର ଏକଥା ବି ଦୋହରାଇଛନ୍ତି ଯେ ପୁତ୍ରସନ୍ତାନ ସେଯାଏ ପୁତ୍ର ହୋଇ ରହେ ଯେପର୍ଯ୍ୟନ୍ତ ତାକୁ ପତ୍ନୀ ମିଳି ନ ଥାନ୍ତି, ପରନ୍ତୁ କନ୍ୟାସନ୍ତାନ ଜୀବନତମାମ କନ୍ୟାଟିଏ ହୋଇ ରହିଥାଏ। ସେମାନଙ୍କ ମତାନୁସାରେ ମାତାପିତାଙ୍କ ପ୍ରତି କନ୍ୟାଟିର ଆଜୀବନ ଅତୁଟ ସ୍ନେହ-ମମତା ଓ ଆଦରଭାବ ପ୍ରକଟିତ ହୋଇଥାଏ। ସୁତରାଂ ଏହିରାୟରୁ ଗୋଟିଏ କଥା ସ୍ପଷ୍ଟଭାବେ ଜଣାପଡେ ଯେ, କନ୍ୟାସନ୍ତାନମାନେ ପୁତ୍ରସନ୍ତାନ ତୁଳନାରେ ନିଜର ମାତାପିତା ପ୍ରତି ଭାବଗତ ଭାବେ ଯୋଡିହୋଇ ରହିଥାନ୍ତି। ସେମାନଙ୍କର ଏହି ଟିପ୍ପଣୀରେ ଅବଶ୍ୟ ଅତିଶୟୋକ୍ତି ତଥା ଅପବାଦର ସ୍ୱର ନିହିତ ଥାଇପାରେ। ତଥାପି ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ଏକ ନ୍ୟାୟିକ ସୁଧାର ଆଣିପାରିଛନ୍ତି, ଯାହା କି କନ୍ୟାସନ୍ତାନମାନଙ୍କୁ ପୁତ୍ରସନ୍ତାନଙ୍କ ପରି ପୈତୃକ ସମ୍ପତ୍ତି ନ୍ୟାଯ୍ୟ ଅଧିକାର ପ୍ରଦାନ କରିଛି ତାହା ନୁହେଁ, ବରଂ ଲିଙ୍ଗଗତ ନ୍ୟାୟକୁ ମଧ୍ୟ ଅଭିନବ ଢଙ୍ଗରେ ପରିଭାଷିତ କରିପାରିଛି।

୨୦୦୦ରେ ବିଧି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟ ସୂଚାଇ ଦେଇଛି ଯେ, ସାଧାରଣ ବ୍ୟକ୍ତିବିଶେଷଙ୍କ ଫାଇଦା ସକାଶେ ସବୁ ପ୍ରକାର ଆଇନ-କାନୁନ ପ୍ରଣୟନ, ନୀତି-ନିୟମ ନିର୍ଦ୍ଧାରଣ ହେବା ବାଞ୍ଛନୀୟ କାରଣ ସମ୍ପତ୍ତିର ଅଧିକାର ମନୁଷ୍ୟର ସ୍ୱାଧୀନତା ଓ ବିକାଶ ଲାଗି ଖୁବ୍ ମହତ୍ତ୍ୱପୂର୍ଣ୍ଣ। ବିଧି ଆୟୋଗ ଏହି ଆଇନକୁ ବଦଳାଇବାକୁ ପରାମର୍ଶ ଦେଇଥିଲେ, କାହିଁକି ନା ଏହି ଆଇନ ହିନ୍ଦୁ ଅବିଭାଜିତ ଯୌଥ ପରିବାରରେ ମହିଳାମାନଙ୍କୁ ସହ-ଉତ୍ତରାଧିକାରିଣୀ ହେବାକୁ ରୋକୁଥିଲା। ଆଉ ସେତେବେଳ ପର୍ଯ୍ୟନ୍ତ ଏହି ଅଧିକାର ପୁରୁଷ ବଂଶଜ, ସେମାନଙ୍କର ମାତା, ପତ୍ନୀ ଓ ଅବିବାହିତ କନ୍ୟାଙ୍କ ହାତମୁଠାରେ ରହୁଥିଲା। ତେବେ ସେ ଯାହାହେଉ, ୨୦୦୫ରେ ବିଧି ଆୟୋଗ ଦ୍ୱାରା ଉପସ୍ଥାପିତ ରିପୋର୍ଟକୁ ସଂସଦରେ ତର୍ଜମା କରାଯାଇଥିଲା ଏବଂ ପରିଶେଷରେ ସେଇ ରିପୋର୍ଟକୁ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇ ହିନ୍ଦୁ ଉତ୍ତରାଧିକାରୀ ଆଇନ, ୧୯୫୬ରେ ଆବଶ୍ୟକ ସଂଶୋଧନ ଅଣାଯାଇଥିଲା। ତେବେ ପୈତୃକ ସମ୍ପତ୍ତିରେ କେତେକ ମହିଳାଙ୍କୁ ସମାନ ଭାଗୀଦାରି ରୂପେ ସ୍ୱୀକାର କରାଯାଇଥିଲେ ମଧ୍ୟ ତହିଁରେ କିଛିଟା ଅଡୁଆ ତଥା ଗଳାବାଟ ରହିଯାଇଥିଲା। ସଂଶୋଧିତ ଆଇନ ମୁତାବକ ଯଦି ୯ ସେପ୍ଟେମ୍ବର ୨୦୦୫ ବେଳକୁ କନ୍ୟାର ପିତା ଜୀବିତ ଥିବେ ତାହାହେଲେ ଏଇ ଆଇନ ଲାଗୁହେବ। ଅପରପଟେ ପିତା ଦିବଂଗତ ହୋଇଥିଲେ କନ୍ୟା ପୈତୃକ ସମ୍ପତ୍ତିରୁ ବଞ୍ଚିତ ରହିବ। ବର୍ତ୍ତମାନ ସର୍ବୋଚ୍ଚ ନ୍ୟାୟାଳୟର ତିନିଜଣ ବିଚାରପତିଙ୍କ ଖଣ୍ଡପୀଠ ସବୁ ପ୍ରକାର ଭୁଲ୍-ଭଟକା, ପ୍ରତିକୂଳତା ତଥା ସମ୍ଭାବ୍ୟ ପ୍ରଶ୍ନଗୁଡିକରେ ପୂର୍ଣ୍ଣଚ୍ଛେଦ ଟାଣିସାରିଛନ୍ତି। ସଦ୍ୟ ପ୍ରକାଶିତ ରାୟ ଅନୁସାରେ ପୈତୃକ ସମ୍ପତ୍ତିରେ ସହ-ଭାଗୀଦାରି ହିନ୍ଦୁ ମହିଳାଙ୍କ ଜନ୍ମରୁ ହିଁ ଉଚିତ ଅଧିକାର ରହିଛି, ଯାହାକୁ କସ୍ମିନକାଳେ ଅସ୍ୱୀକାର କରାଯାଇପାରିବ ନାହିଁ। ଯଦି ଇଚ୍ଛାପତ୍ର ବା ଉଇଲ ଲେଖିବା ଆଗରୁ ପିତାଙ୍କ ଦେହାନ୍ତ ହୁଏ ତେବେ ଆଇନତଃ ସମସ୍ତ ଉତ୍ତରାଧିକାରୀଙ୍କୁ ତାଙ୍କ ସମ୍ପତ୍ତି ଉପରେ ସମାନ ଅଧିକାର ରହିବ।

ହିନ୍ଦୁ ଉତ୍ତରାଧିକାରୀ ଆଇନରେ ପୁରୁଷ ଉତ୍ତରାଧିକାରୀଙ୍କୁ ଚାରୋଟି ଶ୍ରେଣୀରେ ବର୍ଗୀକୃତ କରାଯାଇଥାଏ। ଏହି ସୂତ୍ରରେ ପ୍ରାପ୍ତ ପିତାଙ୍କ ସମ୍ପତ୍ତି ଉପରେ ପହିଲେ ପ୍ରଥମଶ୍ରେଣୀର ଉତ୍ତରାଧିକାରୀଙ୍କ ଅଧିକାର ଥାଏ। ଏଥିରେ ବିଧବା, କନ୍ୟାସନ୍ତାନ, ପୁତ୍ରଙ୍କ ସାଙ୍ଗକୁ ଅନ୍ୟ ଲୋକଙ୍କ ଅନ୍ତର୍ଭୁକ୍ତ ହୋଇଥାନ୍ତି। ପ୍ରତ୍ୟେକ ଉତ୍ତରାଧିକାରୀଙ୍କର ସମ୍ପତ୍ତି ଉପରେ ସମାନ ଅଧିକାର ଥାଏ। ସୁତରାଂ କନ୍ୟାସନ୍ତାନଙ୍କର ତାଙ୍କ ପିତାଙ୍କ ସମ୍ପତ୍ତିରେ ପୂରା ହକ୍‌ସାବ୍ୟସ୍ତ କରିବାର ପ୍ରାବଧାନ ଥାଏ। ତେବେ ଆମ ଦେଶରେ କନ୍ୟାସନ୍ତାନଙ୍କୁ ଆପଣାର ପରିବର୍ତ୍ତେ ପରଘରର ବୋଲି ବିବେଚନା କରାଯାଏ। ଖାସ ଏଇଥିପାଇଁ ସମ୍ପତ୍ତି ସବୁକୁ ପୁତ୍ର ନାମରେ କରିଦିଅନ୍ତି। ସଂପ୍ରତି ସୁପ୍ରିମକୋର୍ଟ କନ୍ୟାମାନଙ୍କୁ ନିଜ ପିତାଙ୍କ ସମ୍ପତ୍ତିରେ ପୁତ୍ରସନ୍ତାନଙ୍କ ଭଳି ସମାନ ଭାଗୀଦାରି ହେବା ଲାଗି ଏକ ଚମତ୍କାର ରାୟ ଶୁଣାଇ ଦେଇଛନ୍ତି। ହେଲେ ଆମ ଦେଶରେ କନ୍ୟାମାନେ ମାତାପିତାଙ୍କ ସମ୍ପତ୍ତି ଉପରେ ଅଧିକାର ଜାହିର କରିବା ଲାଗି କେବେ ବି ଆଗରୁ ପ୍ରୟାସ କରି ନ ଥିଲେ। ଅବଶ୍ୟ କେତେକ କନ୍ୟାସନ୍ତାନ ବିବାହ ହେବା ଉତ୍ତାରେ ନିଜ ପିତାଙ୍କ ସମ୍ପତ୍ତିରୁ ଭାଗ ଦାବି କରୁଥିବା ଦେଖିବାକୁ ମିଳୁଥିଲା। ଦେଖିବାକୁ ଗଲେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ଯୁଗାନ୍ତକାରୀ ରାୟ ଫଳରେ ସେହି କନ୍ୟାସନ୍ତାନମାନେ ବିଶେଷ ଭାବେ ଆଶ୍ୱସ୍ତି ଲାଭ କରିଥିବା ମନେହୁଏ।

ଯୁଗ୍ମ ସଚିବ, ଓରେରା, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଏଇ ଭାରତରେ

ବ୍ୟସ୍ତବହୁଳ ଜୀବନରେ ନିଜ କାମ କି ପରିବାର କଥା ବୁଝିବାକୁ ସମୟ ମିଳୁ ନ ଥିବାବେଳେ ଫରିଦାବାଦର କିଛି ପରିବାର ଗଛ ଲଗାଇବାରେ ସେମାନଙ୍କ ବହୁ ମୂଲ୍ୟ ସମୟ କଟାଉଛନ୍ତି। ସେଭ୍ ଆରାବଳି ସଂସ୍ଥା ସହ ଜଡିତ ଏହି ସବୁ ପରିବାର ଗଛଗୁଡିକୁ ସେମାନଙ୍କ ପରିବାରର ସଦସ୍ୟ ଭାବେ ଗ୍ରହଣ କରିନେଇଛନ୍ତି। ସେମାନେ ଚାନ୍ଦା ଆଦାୟ କରି ଗଛ ଲଗାଉଛନ୍ତି ଓ ବର୍ଷେ ଯାଏ ତା'ର ଜଗାରଖା କରୁଛନ୍ତି। ଏବେ ସାଢେ ୪ ଲକ୍ଷ ଟଙ୍କା ଆଦାୟ କରି ଟ୍ରାକ୍ଟର-ଟ୍ରଲି ଓ ପାଣି ଟ୍ୟାଙ୍କର କିଣିଛନ୍ତି। ଚାରା ନେବା ଆଣିବା କରିବା ଓ ତାକୁ ଲଗାଇ ପାଣି ଦେବା ପାଇଁ ଏସବୁ କିଣାଯାଇଛି। ପରିବାରଗୁଡ଼ିକର ଏଭଳି କାର୍ଯ୍ୟକୁ ହରିୟାଣା ଜଙ୍ଗଲମନ୍ତ୍ରୀ କୱଁରପାଲ ଗୁର୍ଜର, ନିଗମର ଅଧ୍ୟକ୍ଷ ଡ.ୟଶ୍ ଗର୍ଗ ପ୍ରଶଂସା କରିବା ସହ ଲୋକମାନେ ସୃଷ୍ଟି କରିଥିବା ଜଙ୍ଗଲକୁ ଆସି ଗଛ ଲଗାଇଛନ୍ତି। ପରିବାର ସଦସ୍ୟମାନଙ୍କ ମଧ୍ୟରୁ ଯଦି କେହି ବାହାରେ ଚାକିରି କରିଥାନ୍ତି ତେବେ ସେମାନେ ଛୁଟିଦିନରେ ସହରରେ ବିକାଶ କରାଯାଉଥିବା ଜଙ୍ଗଲରେ ପହଞ୍ଚି ଶ୍ରମଦାନ କରୁଛନ୍ତି। ଏହି କାର୍ଯ୍ୟରେ ଯଦି ଅର୍ଥ ନିଅଣ୍ଟ ହୁଏ ସେମାନେ ନିଜ ଭିତରେ ଚାନ୍ଦା ଆଦାୟ କରି ତାହା ଭରଣା କରୁଛନ୍ତି। ସଂସ୍ଥାର ସଦସ୍ୟମାନେ ସାରା ଜିଲାରେ ୧୦ ହଜାର ଚାରା ରୋପଣ କରିସାରିଲେଣି। ମୁଖ୍ୟତଃ ବନ ବିଭାଗ, ନଗର ନିଗମର ଜମିରେ ଜଙ୍ଗଲ ବିକାଶ କରାଯାଉଛି। ଏମାନେ କେବଳ ପରିବେଶ ସୁରକ୍ଷା କରୁନାହାନ୍ତି, ବରଂ ଜଳ ସଂରକ୍ଷଣ ଉପରେ ବି ଗୁରୁତ୍ୱ ଦେଉଛନ୍ତି। ଆରାବଳି କ୍ଷେତ୍ରରେ ସେମାନେ ପ୍ରାୟ ୧୦ଟି ପୁଷ୍କରିଣୀ ଖୋଳିଛନ୍ତି।

## ଚିରନ୍ତନୀ

ପୁରୁଣା ମେଘ ସହି!
ଆସଇ ନୂଆ ହୋଇ
କରିବି ନୂଆ କଥା ରଚନା।
କହିବି ଜୀବନର
ଗୋପନ କଥା ମୋର
ଲୁଚିଲା ଯେତେ କ୍ଷତ ଶୋଚନା।
(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଠକିବା ଏକ ନୈତିକ ଅଧଃପତନ

ମହାଶୟ,

ଲାଞ୍ଚ ଦେବା, ଲାଞ୍ଚ ନେବା, ଠକିବା ଦ୍ୱାରା ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଆମ ସମସ୍ତଙ୍କର କ୍ଷତି ହେଉଛି। ବ୍ୟକ୍ତି, ଜାତି ଓ ଦେଶର ବିକାଶ କରିବାକୁ ହେଲେ ସମସ୍ତେ ସ୍ୱଚ୍ଛ ହେବା ଆବଶ୍ୟକ। ହୃଦୟରେ ଜାତୀୟତା ଭାବ ଉଦ୍ରେକ ହେଲେ ସମାଜର ଉନ୍ନତି ହେବ। ସ୍ୱାର୍ଥପର ମନୋଭାବ ଅର୍ଥଲୋଭଠାରୁ ଦୂରେଇ ରହିଲେ ବ୍ୟକ୍ତି ଓ ସମାଜର ମଙ୍ଗଳ ତଥା ଉନ୍ନତି ହୋଇପାରିବ। ମାତ୍ର ଆମେ ଏସବୁଠାରୁ ଦୂରେଇ ଯାଉଛୁ। ଲୋଭ, ସ୍ୱାର୍ଥ, ଅହଂକାରର ବଶବର୍ତ୍ତୀ ହୋଇ ଆମେ ପରସ୍ପରକୁ ଠକି ଚାଲୁଛୁ। ଯାହାଫଳରେ ଆଜି ଆମେ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ଅସୁବିଧାର ସମ୍ମୁଖୀନ ହେଉଛୁ। ନିମ୍ନମାନର ନିର୍ମାଣ କାର୍ଯ୍ୟ, ଅପମିଶ୍ରିତ ଖାଦ୍ୟ ସାମଗ୍ରୀ, ନିମ୍ନମାନର ନିତ୍ୟ ବ୍ୟବହାର ଜିନିଷ, ଏପରି କି ଜୀବନରକ୍ଷାକାରୀ ଅପମିଶ୍ରିତ ଔଷଧ ବ୍ୟବହାର କରି ଆମେ ସମସ୍ତେ ମୃତ୍ୟୁକୁ ଆମନ୍ତ୍ରଣ କରୁଛେ। ନିଜେ ଭଲରେ ବଞ୍ଚିବା ସହିତ ଅନ୍ୟମାନଙ୍କୁ ଭଲରେ ବଞ୍ଚିବାର ସୁଯୋଗ ଦେବା କଥାଟିକୁ ସମସ୍ତେ ଶିଖିବା ଓ କାର୍ଯ୍ୟକାରୀ କରାଇବା ଆବଶ୍ୟକ। ତା'ହୋଇପାରିଲେ ସମସ୍ତେ ନିଃସ୍ୱାର୍ଥପର, ତ୍ୟାଗଶୀଳ ହେଲେ ବ୍ୟକ୍ତି ଓ ଜାତିର ଉନ୍ନତି ହୋଇପାରିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପଞ୍ଚାୟତ ରାତି ଜଗୁଆଳିଙ୍କ ମୃତଦେହ ଉଦ୍ଧାର

ସୁନ୍ଦରଗଡ (ଡି.ଏନ୍.ଏ.): ସୁନ୍ଦରଗଡ଼ ସଦର ଥାନା ଅଧୀନ ରାଜପୁର ପଞ୍ଚାୟତ କାର୍ଯ୍ୟାଳୟର ରାତ୍ର ଜଗୁଆଳି ଭାସ୍କର କେରୁଆ (୫୫)ଙ୍କ ମୃତଦେହ ମଙ୍ଗଳବାର ସକାଳେ ପୋଲିସ ଜବତ କରିଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରହୁଥିବା କଠୋରୀରେ ତାଙ୍କ ମୃତଦେହ ପଡିଥିବା ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ମୃତଦେହ ବ୍ୟବଚ୍ଛେଦ ସକାଶେ ପଠାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଚାଷରେ ବ୍ୟବହାର ହେଲା ଝରଣାପାଣି

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ସଫଳତା ଆଣିଲା
- ୨ କିମି ଦୂର କଟାରେ ସଂରକ୍ଷଣ ପାଣି
- ଆଗକୁ କାମ ଜାରି ରହିବ: ବିଡିଓ

ସମ୍ବଲପୁର,୨୫।୮ (ବ୍ୟୁରୋ)

ଜଙ୍ଗଲ ଭିତରେ ଝରଣା ପାଣି ଅପଚୟ ହେଉଥିଲା। ବର୍ଷାଋତୁରେ ଏହି ଝରଣା ପାଣିକୁ କେବଳ ଲୋକେ ବ୍ୟବହାର କରିପାରୁଥିଲେ। ଗ୍ରୀଷ୍ମ ଋତୁରେ ସେହି ପାଣି ବ୍ୟବହାର ହୋଇପାରୁ ନ ଥିଲା। ଝରଣାର ସେହି ଅପଚୟ ଜଳକୁ ସଂରକ୍ଷଣ କରିବା ପାଇଁ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପ୍ରଶାସନ ପକ୍ଷରୁ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଡାଇଭର୍ସନ ୱାଲ୍, କଂକ୍ରିଟ ଡ୍ରେନ ଓ ମାଟି କେନାଲ ନିର୍ମାଣ କରି ବୋହି ଯାଉଥିବା ପାଣିକୁ ୨ କିମି ଦୂର କଟାରେ ସଂରକ୍ଷଣ ରଖାଯାଉଛି । ଏଥିରୁ ଚାଷୀମାନେ ଚାଷ ଉପଯୋଗୀ ଜଳ ପାଇ ପାରୁଛନ୍ତି । ଗ୍ରାମ କଟାରୁ ପାଣି ନେଇ ପ୍ରାୟ ୫୦ ହେକ୍ଟର ଜମି ଚାଷ କରାଯାଉଛି । ଏହା ସହ ଏହି ଯୋଜନା କରୋନା ସମୟରେ ଶ୍ରମିକମାନଙ୍କୁ ରୋଜଗାର ଦେଇପାରିଛି ।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ କୟାକୁଦ ଗ୍ରାମର କୁଟୁରଲଟିଆ ଝରଣାରେ ଏହି ପ୍ରକଳ୍ପ ୨୦୨୦-୨୧ ଆର୍ଥିକ ବର୍ଷରେ ନିର୍ମାଣ ହୋଇଛି। ଏ ସମ୍ପର୍କରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ଲକ ପ୍ରୋଗ୍ରାମ ଅଫିସର ବିଶ୍ୱରଞ୍ଜନ ପ୍ରଧାନ ସୂଚନା ଦେଇ କହିଛନ୍ତି, ଝରଣା ପାଣିକୁ ସଞ୍ଚୟ କରିବା ପାଇଁ ଯୋଜନା କରାଯାଇଥିଲା। ତିନୋଟି ଭାଗରେ ଏହି ଯୋଜନା ରହିଛି। ପ୍ରଥମେ ଝରଣା ପାଣିକୁ ଅଟକାଇବା ପାଇଁ ଡାଇଭର୍ସନ ୱାଲ ନିର୍ମାଣ କରାଗଲା । ଉପଯୁକ୍ତ ସ୍ଥାନ ଚିହ୍ନଟ କରି ସିମେଣ୍ଟ କଂକ୍ରିଟ, ଲୁହା ରଡ଼ ବ୍ୟବହାର କରି ୱାଲ ନିର୍ମାଣ କରାଗଲା । ଏଥିରେ ପ୍ରାୟ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି । ସେହିପରି ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରାୟ ୩୫୦ ମିଟରର କଂକ୍ରିଟ ଡ୍ରେନ ନିର୍ମାଣ କରାଯାଇଛି । ଡାଏଭର୍ସନ ୱାଲଠାରୁ ଏହା ଆରମ୍ଭ ହୋଇଛି । ଅନୁଦାନ ଅଭାବ ଯୋଗୁ ମାଟି କେନାଲ ମଧ୍ୟ ତିଆରି କରାଯାଇଛି । ବର୍ଷା ପାଣି ପ୍ରଥମେ ଡ୍ୟାମରେ ଗଚ୍ଛିତ ରହୁଛି । ଅଧିକ ହେଲେ ପାଣି ତଳକୁ ପ୍ରବାହିତ ହୋଇଯାଉଛି । ଡିଜାଇନ୍ ଅନୁସାରେ ଡ୍ୟାମ୍‌ରେ ଗଚ୍ଛିତ ପାଣି ଡ୍ରେନ ଓ କେନାଲ ଦେଇ ୨ କିମି ଦୂରରେ ଥିବା ଗ୍ରାମର କଟାରେ ପଡୁଛି। ଗ୍ରାମରେ ଚାଷୀମାନେ ସେହି ପାଣି ନେଇ ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ଏହି ଗଚ୍ଛିତ ପାଣିରେ ପ୍ରାୟ ୫୦ ହେକ୍ଟର ଜମି ଚାଷ ହେଉଥିବା ଆକଳନ କରାଯାଇଛି । ଧାନ ଫସଲ ସହ ରବିଋତୁରେ ପନିପରିବା ଚାଷ ମଧ୍ୟ ଚାଷୀମାନେ କରିପାରିବେ ବୋଲି ସେ କହିଥିଲେ ।

ଏ ସମ୍ପର୍କରେ ଯୁଯୁମୁରା ବିଡ଼ିଓ ସୁରଜ ବିଶ୍ୱାଳ କହିଛନ୍ତି, କରୋନା କଟକଣା ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଦେବା ପାଇଁ ସରକାରଙ୍କ ଯୋଜନା ରହିଥିଲା । ତେଣୁ ପ୍ରବାସୀ ଓ ସ୍ଥାନୀୟ ଶ୍ରମିକଙ୍କୁ ରୋଜଗାର ଦେବା ସହ ଜନସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରକଳ୍ପ ହାତକୁ ନିଆଯାଇଥିଲା । ପ୍ରାୟ ୨ କିମି ଦୂରରେ ଥିବା କଟାରେ ଝରଣା ପାଣିକୁ ସଂରକ୍ଷିତ କରିବାର ଯୋଜନା କରାଗଲା । ପ୍ରଥମେ ଏହା ଅସମ୍ଭବ ଭଳି ଲାଗୁଥିଲା । କାମ ଆରମ୍ଭ ପରେ ଧିରେ ଧିରେ ପ୍ରକଳ୍ପ ସଫଳ ହେବାର ଆଶା କରାଯାଇଥିଲା । ୨ କିମି ଦୂର କଂକ୍ରିଟ କରିବା ପ୍ରଥମ ପର୍ଯ୍ୟାୟରେ ଅସମ୍ଭବ। ପର୍ଯ୍ୟାୟକ୍ରମେ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବ । ଯୁଯୁମୁରା ବ୍ଲକରେ ଏଭଳି ଆହୁରି ଅନେକ ପ୍ରସ୍ତାବ ରହିଛି ଯାହା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ ।


ସମ୍ବଲପୁର ଜିଲା କୟାକୁଦ ଗ୍ରାମରେ ଝରଣା ଜଳ ସଂରକ୍ଷଣ ପାଇଁ ନିର୍ମାଣାଧୀନ କୁଣ୍ଡ ।

## ସଂକ୍ଷେପରେ

### ଦୁର୍ଘଟଣାରେ ଫାଇନାନ୍ସ କର୍ମଚାରୀଙ୍କ ମୃତ୍ୟୁ

ଲୋଇସିଂହା,୨୫।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା -ପଦ୍ମପୁର ରାସ୍ତା କନ୍ଦଜୁରୀ ଛକରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲୋଇସିଂହା ଥାନା ଅଧୀନ କୁଟେନପାଲି ଗାଁର ନୀତେଶ ବାଗ(୩୦)। ବରଗଡ଼ ଜିଲା ସହେଲାସ୍ଥିତ ଏଲଏଣ୍ଡଟି ମାଇକ୍ରୋଫାଇନ୍ସରେ ସେ ଶାଖା ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। ନୂଆଁଖାଇରେ ଗାଁକୁ ଆସି ମଙ୍ଗଳବାର ଫେରିଥିଲେ। ହେଲେ ଘରେ କୌଣସି ସାମଗ୍ରୀ ଛାଡି ଯାଇଥିବାରୁ ନେବାକୁ ଫେରିବା ବାଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବଜ୍ରପାତରେ ଯୁବକ ମୃତ, ସାଥୀ ଗୁରୁତର

ସୁନ୍ଦରଗଡ଼,୨୫।୮(ଡି.ଏନ୍.ଏ.): ସୁନ୍ଦରଗଡ ସହରର ବନଦୁର୍ଗା ମନ୍ଦିର ନିକଟରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଯୋଗୁ ଜଣକର ମୃତ୍ୟୁ ଘଟଛି। ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଧରୁଆଡିହି ଥାନା ଅଧୀନ ଦଉରାପଡାର ଅରବିନ୍ଦ ନାଏକ (୧୯)। ସେ ସୁନ୍ଦରଗଡ ମିଶନ ଛକରେ ଭଡାରେ ରହୁଥିଲେ। ଗୁରୁତର ଜଣକ ହେଲେ କିଞ୍ଜିରିକେଲା ଅଞ୍ଚଳର ଶିବାନନ୍ଦ ବେହେରା। ତାଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଛି। ମନ୍ଦିର ନିକଟରେ ଏମାନେ ଠିଆ ହୋଇଥିଲା ସମୟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ତୁରନ୍ତ ଏମାନଙ୍କୁ ସ୍ଥାନୀୟ ଲୋକେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଅରବିନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସନ୍ଧ୍ୟାରେ ପରିବାର ଲୋକଙ୍କ ଅଭିଯୋଗ ପରେ ଟାଉନ୍ ଥାନା ପୋଲିସ ମୃତଦେହ ଜବତ କରିଛି।

### ବରଗଡ଼ରେ ୨୮ ନୂଆ ଆକ୍ରାନ୍ତ

ବରଗଡ଼ ଅଫିସ୍,୨୫।୮: ବରଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଥମିବା ନାଁ ନେଉନାହିଁ । ଗତ କିଛିଦିନ ହେଲା ପ୍ରତିଦିନ ନୂଆ ସ୍ଥାୟୀ ଆକ୍ରାନ୍ତ ଚିହ୍ନଟ ହେବାରେ ଲାଗିଛନ୍ତି । ମଙ୍ଗଳବାର ଜିଲାରୁ ୨୮ ନୂଆ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ ବରଗଡ଼ ପୌରାଞ୍ଚଳରେ ସର୍ବାଧିକ ୧୮, ବରଗଡ଼ ବ୍ଲକର ଖଣ୍ଡହଥାରୁ ୨ଜଣ, ତୁରୁଙ୍ଗାରୁ ଜଣେ, ଜାଳପାଲିରୁ ଜଣେ, କୁରୁଆଁରୁ ଜଣେ, ବରପାଲି ଏନଏସିରୁ ୩ଜଣ, ବରପାଲି ବ୍ଲକରୁ ଜଣେ ଏବଂ ବରଗଡ଼ରେ ରହୁଥିବା ବଲାଙ୍ଗୀର ଜିଲା ପାଟଣାଗଡ଼ର ଜଣେ ମୂଳବାସିନ୍ଦା ଅଛନ୍ତି। ସମସ୍ତେ ସ୍ଥାନୀୟ ଆକ୍ରାନ୍ତ ଏବଂ ସେମାନେ ବିଭିନ୍ନ କୋଭିଡ୍ ହସ୍‌ପିଟାଲ, ହୋମ୍ ଆଇସୋଲେଶନରେ ରହି ଚିକିତ୍ସାଧୀନ ଅଛନ୍ତି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

### ଆବଶ୍ୟକ ବେଳେ ଚାଷୀଙ୍କୁ ମିଳୁନି ୟୁରିଆ ସାର

ଲୋଇସିଂହା, ୨୫।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ୟୁରିଆ ସାରର ଅଭାବ ଦେଖାଦେଇଛି। ଏବେ ଚାଷୀ ୟୁରିଆ ସାର ଆବଶ୍ୟକ କରୁଥିବା ବେଳେ ତାହା ଉପଲବ୍ଧ ହେଉନାହିଁ। ବ୍ୟବସାୟୀମାନେ ଚଢ଼ାଦରରେ ବିକ୍ରି କରିବା ଉଦ୍ଦେଶ୍ୟରେ କୃତ୍ରିମ ଅଭାବ ଦେଖାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷି ବିଭାଗ ଏଥିପ୍ରତି ନଜର ଦେଉ ନ ଥିବାରୁ ସମସ୍ୟା ସଙ୍ଗିନ ହେବାରେ ଲାଗିଛି। ଏବେ ସାର ଷ୍ଟକ୍ ନାହିଁ କି ଯୋଗାଣ ହେଉ ନାହିଁ କହି ବ୍ୟବସାୟୀମାନେ ଚାଷୀଙ୍କୁ ଫେରାଇ ଦେଉଥିବା ଅଭିଯୋଗ ହେଉଛି। ପ୍ୟାକ୍ସଗୁଡ଼ିକରେ ମଧ୍ୟ ସାର ଉପଲବ୍ଧ ନାହିଁ। ସାଧାରଣରେ ମିଳୁ ନ ଥିବା ବେଳେ ବ୍ଲକ ଅନ୍ତର୍ଗତ ବୁର୍ଡା ପ୍ୟାକ୍ସରେ ଜଣେ ଚାଷୀ ୧୩୨ବସ୍ତା ସାର ଉଠାଇବା ଜିଲା ପ୍ରଶାସନର ଦୃଷ୍ଟିକୁ ଆସିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷି ଓ ରାଜସ୍ୱ ଅଧିକାରୀ ଯୁଗ୍ମ ତଦନ୍ତ ବେଳେ ପ୍ୟାକ୍ସ କର୍ମଚାରୀ ହିଁ ନିଜେ ସାର ଉଠାଇଥିବା ଜଣାପଡିଥିଲା। ଏହାପରେ ତଦନ୍ତରେ କୌଣସି ଅଗ୍ରଗତ ନ ହେବାରୁ କୃଷି ଓ ଯୋଗାଣ ବିଭାଗର ସ୍ୱଚ୍ଛତା ଉପରେ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ସ୍ୱୀକୃତିପ୍ରାପ୍ତ ଦୋକାନରେ ସରକାରୀ ଧାର୍ଯ୍ୟ ଦରରେ ସାର ବିକ୍ରି କରାଯାଉଛି। ତେବେ ଆବଶ୍ୟକତାଠାରୁ ଢେରକମ୍ ବିକ୍ରି କରାଯାଉ ଥିବାରୁ ଚାଷୀମାନେ ସାର ନ ପାଇ ହତାଶ ହେଉଛନ୍ତି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ସୌମିତ୍ରା ମହାନ୍ତିଙ୍କୁ ପଚାରିବାରୁ ମୁଁ ଛୁଟିରେ ଥିବା କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ ।

# ସମନ୍ୱିତ ଶିଶୁବିକାଶ ଯୋଜନା ଦିଗହରା

**ବିନିକା ବ୍ଲକ, ଏନ୍ଏସି**
- ୩୦ଶିଶୁ ଅପପୁଷ୍ଟିର ଶିକାର
- ବିନିକାରେ ନାହିଁ ଅପପୁଷ୍ଟି ପୋଷଣ କେନ୍ଦ୍ର

ବିନିକା,୨୫।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲାର ବିନିକା ବ୍ଲକ ଓ ଏନ୍ଏସିରେ ସମନ୍ୱିତ ଶିଶୁବିକାଶ ଯୋଜନା ଦିଗହରା ହୋଇଛି । ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାରକୁ କମାଇବା ପାଇଁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ଏଯାଏ ମୂଳଲକ୍ଷ୍ୟରେ ପହଞ୍ଚି ପାରିନାହିଁ । ଏହି ବ୍ଲକରେ ଉଭୟ ମା' ଓ ଶିଶୁ ଅସୁରକ୍ଷିତ ଥିବାବେଳେ ବହୁ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି ।

ବିନିକା ବ୍ଲକ ଓ ଏନ୍ଏସିରେ ସମୁଦାୟ ୨୫୮ଅଙ୍ଗନୱାଡ଼ି ଏବଂ ୬୪ ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଏହିସବୁ କେନ୍ଦ୍ରରେ ୯୨୦୦ରୁ ଊର୍ଦ୍ଧ୍ୱ ଶିଶୁ ଅଧ୍ୟୟନ କରୁଛନ୍ତି। ତେବେ ବିଡମ୍ବନାର ବିଷୟ ବିନିକା ଅଞ୍ଚଳରେ ଏବେ ୩୦ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ଏଭଳି ଶିଶୁମାନଙ୍କୁ ଅପପୁଷ୍ଟି ପୋଷଣ କେନ୍ଦ୍ରରେ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା ରହିଛି । କିନ୍ତୁ ଏଭଳି କେନ୍ଦ୍ର ବିନିକାରେ ନାହିଁ । ଉଲୁଣ୍ଡା ଓ ସୋନପୁରରେ ଏହି କେନ୍ଦ୍ର ଥିବା ବେଳେ ଦୂର ହୋଇଥିବାରୁ ଅଭିଭାବକମାନେ ଅପପୁଷ୍ଟିର ଶିକାର ସେମାନଙ୍କ ଶିଶୁଙ୍କୁ ସେଠାକୁ ନେବା ପାଇଁ ରାଜି ହେଉନାହାନ୍ତି । ସେହିପରି ଅନେକ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ନାହିଁ। ବିନିକା ବ୍ଲକରେ ୧୬ଟି ଗ୍ରାମପଞ୍ଚାୟତକୁ ୬ଟି ସେକ୍ଟରରେ ଭାଗ କରାଯାଇ ୬ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ସେମାନେ ଶିଶୁମାନଙ୍କର ବିଭିନ୍ନ କ୍ଷେତ୍ରରେ ଘଟୁଥିବା ଉନ୍ନତି ସମ୍ପର୍କିତ ରିପୋର୍ଟ ସବୁ ପ୍ରସ୍ତୁତ କରିବା ଓ କେନ୍ଦ୍ରରେ ଥିବା ସମସ୍ୟାଗୁଡିକ ତଦନ୍ତ କରିବା କଥା । ମାତ୍ର ସେମାନେ ଦୂର ସ୍ଥାନରେ ରହିବା ଯୋଗୁ ସହାୟକ ହେଉ ନ ଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ବିନିକା ଏନ୍ଏସି ଅଞ୍ଚଳର ୪୩ କେନ୍ଦ୍ରରୁ କେବଳ ୧୦ଟି କେନ୍ଦ୍ରର ନିଜସ୍ୱ ଗୃହ ଅଛି। ଏନ୍ଏସିର ବେତ୍ରାପଡା, ମିଶ୍ରପାଲି, ନୂଆପଡା ଓ ଡଭଲା-୨ ଗୃହ ନିର୍ମାଣ ପାଇଁ ୨୦୧୭-୧୮ରୁ ଅର୍ଥରାଶି ମଞ୍ଜୁର ହୋଇ ସାରିଛି। ଏଯାଏ ଜାଗା ଚିହ୍ନଟ ନ ହେବା କାରଣରୁ ଏ ବାବଦ ଟଙ୍କା ପଡି ରହିଛି । ସେହିପରି ଶିଶୁଙ୍କ ବୌଦ୍ଧିକ ବିକାଶ ପାଇଁ ସରକାର ବିଭିନ୍ନ କେନ୍ଦ୍ରକୁ ଲକ୍ଷାଧିକ ଟଙ୍କାର କଣ୍ଢେଇ, ଖେଳଣା, ମ୍ୟାପ୍ ଆଦି ଯୋଗାଉଛନ୍ତି । ତେବେ ସେସବୁ ସାମଗ୍ରୀ ଅଧିକାଂଶ ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ଘରେ ଶୋଭାପାଉଛି। କେନ୍ଦ୍ର ଚଳାଇବା ପାଇଁ ଯୋଗାଇ ଦିଆଯାଉଥିବା ଚୌକି, ଟେବୁଲ, ଟ୍ରଙ୍କ, ବାଲ୍‌ଟି ଆଦି ଆସବାବପତ୍ର ମଧ୍ୟ କେତେକ କର୍ମୀଙ୍କ ଘରେ ବ୍ୟବହାର କରାଯାଉଥିବା ଜଣାପଡିଛି । ବାଙ୍କିଘିର୍ଡି ସଂହରାଟିକ୍ରା କେନ୍ଦ୍ର ଗୃହ ନିର୍ମାଣ କାମ ସରି ଯାଇଥିଲେ ମଧ୍ୟ ଝରକା, କବାଟ ଲାଗି ନ ଥିବାରୁ ପିଲାମାନେ ୨ କିମି ଦୂର କେନ୍ଦ୍ରକୁ ପଢିବାକୁ ଯାଉଛନ୍ତି । ବର୍ଷା ହେଲେ କେନ୍ଦ୍ରଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ । ବିନିକା ବ୍ଲକ ବାବୁପାଲି ହାଇସ୍କୁଲ ପଡାର ୩ ନଂ. ମିନି ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀଙ୍କ ଘର ବାରଣ୍ଡାରେ ଚାଲୁଛି । ଏ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବିନିକା ସିଡିପିଓ ସୁବାଦିନୀ ହରିପାଲଙ୍କୁ ପଚାରିବାରୁ ଅପପୁଷ୍ଟିର ଶିକାର ୩୦ଜଣ ଶିଶୁଙ୍କ ଅଭିଭାବକଙ୍କୁ ଏ ସମ୍ପର୍କରେ କୁହାଯାଇଛି । ସେମାନେ ଛୋଟ ଛୁଆଙ୍କୁ ସୋନପୁର କିମ୍ବା ଉଲୁଣ୍ଡା ଛାଡିବୁ ନାହିଁ ବୋଲି କହୁଛନ୍ତି। ଏପରି କି ପୁଷ୍ଟିକର ଶୁଖିଲା ଖାଦ୍ୟ ଶିଶୁଙ୍କୁ ଦେଉନାହାନ୍ତି । କେତେକ କେନ୍ଦ୍ରରେ ବିଦ୍ୟୁତ୍ ଓ ପାଇପ ସଂଯୋଗ ପାଇଁ ବ୍ଲକକୁ ଆଲଟ୍‌ମେଣ୍ଟ ବର୍ଷେ ହେଲା ଆସିଲାଣି । ମାତ୍ର କାର୍ଯ୍ୟ ହୋଇନାହିଁ। ସେହିପରି ବିନିକା ଏନ୍ଏସିର ୪ଟି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ୨ବର୍ଷ ହେଲା ଅର୍ଥ ମଞ୍ଜୁର ହୋଇସାରିଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେଲେ କାମ ଆଗେଇବ । ସମସ୍ତ କର୍ମୀ ଦାୟିତ୍ୱ ଠିକ୍ ଭାବରେ ନିର୍ବାହ କରୁଥିବା ହରିପାଲ କହିଥିଲେ ।


ଅଧାପନ୍ତରିଆ ହୋଇ ପଡି ରହିଥିବା ବାଙ୍କିଘିର୍ଡି ଅଙ୍ଗନୱାଡ଼ି କେନ୍ଦ୍ର।

# କିଡ୍‌ନୀ ରୋଗରେ ୨ ବର୍ଷରେ ୫ ମୃତ

**ମୃତକମାନେ ଗୋଟିଏ ପରିବାର ସଦସ୍ୟ**

ରିଷିଡା,୨୫।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ମାତୃପୁରୀ ପଡାରେ କିଡ଼ନୀ ରୋଗ ବ୍ୟାପୁଛି । ଗତ ୨ ବର୍ଷ ମଧ୍ୟରେ ଏହି ରୋଗରେ ଗୋଟିଏ ପରିବାରର ୫ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଓ ତାଙ୍କ ୨ ପୁଅ ଅଛନ୍ତି । ସେମାନଙ୍କ ୨ ସମ୍ପର୍କୀୟ ଭାଇ ଏହି ରୋଗରେ ପ୍ରାଣ ହରାଇଛନ୍ତି । ଏହାକୁ ନେଇ ସେହି ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୨୩ ତାରିଖରେ କର୍ଲାମୁଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କିରାଣୀ ମନ୍ମଥ ଦାସଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଥିଲା । ତାଙ୍କ ସାନ ଭାଇ ସୁରଥ ଦାସଙ୍କ ମଧ୍ୟ ଗତବର୍ଷ କିଡନି ରୋଗରେ ମୃତ୍ୟୁ ହୋଇଥିଲା । ସାନ ଭାଇଙ୍କ ମୃତ୍ୟୁ ପରେ ବଡଭାଇ ମନ୍ମଥ ନିଜ ପରିବାର ସହ ସାନ ଭାଇ ପରିବାରର ଭାର ବହନ କରୁଥିଲେ । ୨ ଭାଇଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି । ଏଥିସହିତ ମନ୍ମଥଙ୍କ ସମ୍ପର୍କୀୟ ନରସିଂହ ଦାସ ଓ ତାଙ୍କ ୨ ପୁଅ ସୁଦାମ ଓ ଅଲେଖଙ୍କ କିଡନୀ ରୋଗରେ ମୃତ୍ୟୁ ଘଟିଛି । ଏହି ପଡ଼ାର ଅନ୍ୟ କେତେଜଣ ବ୍ୟକ୍ତି ମଧ୍ୟ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଗତବର୍ଷ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ଟିମ୍ ଆସି ପଡାବାସୀଙ୍କ ସହ ଏ ନେଇ ଆଲୋଚନା କରିଥିଲେ । ଏଥିପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଗ୍ରାମବାସୀ କଲେ ରାସ୍ତା ମରାମତି


ଗ୍ରାମବାସୀ ସରସରା-ଚାରପାଲି ରାସ୍ତା ମରାମତି କରୁଛନ୍ତି ।

ବରଗଡ଼ ଅଫିସ୍,୨୫।୮

ବରଗଡ଼-ବଲାଙ୍ଗୀର ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବା ନୂଆ ସରସରା ଗାଁ ମୁଣ୍ଡରୁ ଚାରପାଲି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଗତ କିଛି ମାସ ତଳେ ଏହି ରାସ୍ତାକୁ ପିଚୁ କରାଯାଇଛି। ମାତ୍ର ରାସ୍ତା ପାର୍ଶ୍ୱରେ ପକାଯାଇଥିବା ମାଟି ବର୍ଷାରେ ଧୋଇ ହୋଇ ରାସ୍ତା ଉପରକୁ ଆସିଛି । ସେହିପରି ରାସ୍ତା ପାର୍ଶ୍ୱରେ ଖାଲଖମା ମଧ୍ୟ ସୃଷ୍ଟି ହୋଇଛି । ରାସ୍ତାର ଏଭଳି ଦୁରବସ୍ଥା ଦେଖି ଗ୍ରାମବାସୀ ଶ୍ରମଦାନ କରି ଏହାର ମରାମତି କରିଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି ।

# ୩ ଲୁଟେରା ଗିରଫ, ସ୍କୁଟି ଜବତ


ଗିରଫ ଅଭିଯୁକ୍ତଙ୍କୁ ସଦର ଥାନାରେ ହାଜର କରାଯାଇଛି ।

ବରଗଡ଼ ଅଫିସ୍,୨୫।୮

ବରଗଡ଼ ସଦର ଥାନା ପୋଲିସ ଏକ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ୩ ଲୁଟେରାଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ କୁଳିବନ୍ଧ ପଡ଼ାର ରିଙ୍କୁ ଭୋଇ, ହେମନ୍ତ ନାଏକ ଏବଂ ଟିକେଶ୍ୱର ଓରଫ ସୁଶାନ୍ତ ହାଟଖୁଜିଆ। ସେମାନଙ୍କ ପାଖରୁ ଏକ ମୋବାଇଲ ଏବଂ ସ୍କୁଟି (ନଂ.ଓଡ଼ି୧୭ଏମ/୧୦୦୭) ଜବତ କରାଯାଇଛି। ସେମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ସଦର ଥାନା ପୋଲିସ ଏକ ମାମଲା (ନଂ.୨୩୫/୨୦) ରୁଜୁ କରିଛି । ପ୍ରକାଶଥାଉକି, ଅଭିଯୁକ୍ତମାନେ ଧାଙ୍ଗେର ଗ୍ରାମ ନିବାସୀ ଟିକେଶ୍ୱର ଷଣ୍ଢଙ୍କଠାରୁ ମୋବାଇଲ ଲୁଟି ନେଇଥିବା ସଦର ଥାନାରେ ଅଭିଯୋଗ ହୋଇଥିଲା। ତାଙ୍କ ଏତଲାକୁ ଭିତ୍ତି କରି ଉକ୍ତ ମାମଲା ରୁଜୁ ସହିତ ପୋଲିସ ତଦନ୍ତ ଚଳାଇଥିଲା ।

# ଧାନ, ପରିବା ଚାଷ ଦଳିଦେଲେ

**ଉପରଝର, ଥାଲବନ୍ଧରେ ହାତୀ ଉପଦ୍ରବ**

ଦେଓଗାଁ,୨୫।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ଓ ମକୁନ୍ଦପୁର ପଞ୍ଚାୟତର ଥାଲବନ୍ଧରେ ସୋମବାର ରାତିରେ ହାତୀ ଉପଦ୍ରବ ଦେଖାଦେଇଛି। ୨ଟି ହାତୀ ଚାଷୀଙ୍କ କ୍ଷେତରେ ଧାନ, ମକା ଓ ପନିପରିବା ଫସଲକୁ ଦଳିଚକଟି ନଷ୍ଟ କରି ଦେଇଥିବା ଧ୍ରୁବା ପଟେଲ, ମଗଶିର ବିଶ୍ୱାଳ, ଅର୍ଜୁନ ବିଶ୍ୱାଳ, ହଳଧର ରଣା, ଶିବକାନ୍ତ ପଧାନ ପ୍ରମୁଖ ଚାଷୀମାନେ କହିଛନ୍ତି। ମଙ୍ଗଳବାର ହାତୀ ଉପରଝର ନିକଟସ୍ଥ ଜଙ୍ଗଲରେ ଥିବା ଜଣାପଡିଛି। ଅନେକ ଦିନର ବ୍ୟବଧାନରେ ଏହି ଅଞ୍ଚଳକୁ ହାତୀ ଫେରିଥିବାରୁ ଚାଷୀମାନେ ଆତଙ୍କିତ ହୋଇପଡିଛନ୍ତି। ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ହାତୀ ଘଉଡାଇବା ଦିଗରେ ପଦକ୍ଷେପ ନେବା ସହ ଉଚିତ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଦାୟିତ୍ୱରେ ଥିବା ଫରେଷ୍ଟର ବିଜୟ ଖୁଣ୍ଟିଆଙ୍କୁ ପଚାରିବାରୁ ୨ଟି ହାତୀ ଆସିଥିବା ଖବର ପାଇଛୁ। ଚାଷୀଙ୍କୁ ବିଭାଗ ତରଫରୁ ଲାଇଟର ବ୍ୟବସ୍ଥା କରିଛୁ। ପୂର୍ବରୁ ଅଞ୍ଚଳର କେତେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ମାସକ ତଳେ କ୍ଷତିପୂରଣ ଦେଇଛୁ। ଆଗକୁ ରିପୋର୍ଟ ଅନୁସାରେ ପୁଣି କ୍ଷତିପୂରଣ ମିଳିବା ଦିଗରେ ପଦକ୍ଷେପ ନେବୁ ବୋଲି ସେ କହିଥିଲେ।


ଥାଲବନ୍ଧରେ ହାତୀ ଦଳିଚକଟି ଦେଇଥିବା ଚାଷୀଙ୍କ ଧାନକ୍ଷେତ।

# ସହର ରାସ୍ତା ବୁଲାଗୋରୁଙ୍କ ଯୋଗୁ ଡେଥ୍ ଜୋନ୍

**ସୁବର୍ଣ୍ଣପୁର ପୌରପାଳିକାରେ ନାହିଁ କାଞ୍ଜିଆହୁଦା**

ସୋନପୁର,୨୫।୮(ନି.ପ୍ର.)

ସୁବର୍ଣ୍ଣପୁର ସହରର ରାସ୍ତାଗୁଡ଼ିକ ଏବେ ଗୁହାଳ ପାଲଟିଛି। ରାସ୍ତା ଉପରେ ଗୋରୁ ଦିନ ରାତି ବୁଲୁଛନ୍ତି। ସହରର ଉଭୟ ପାର୍ଶ୍ୱରେ ରହିଛି ମହାନଦୀ ଓ ତେଲନଦୀ ବ୍ରିଜ୍। ଏହି ଦୁଇ ବ୍ରିଜ୍ ଉପରେ ପ୍ରାୟ ସମୟରେ ଗୋରୁ ଗୋଠ ଦେଖିବାକୁ ମିଳୁଛି। ଗମନାଗମନର ମୁଖ୍ୟ ମାଧ୍ୟମ ଏହି ବ୍ରିଜ୍‌ଦ୍ୱୟ ଏବେ ଲୋକଙ୍କ ପାଇଁ ଡେଥ୍ ଜୋନ୍ ପାଲଟିଛି। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ମଣିଷ ଓ ଗୋରୁ ଉଭୟ ଖଣ୍ଡିଆ ଖାବରା ହେଉଛନ୍ତି। ମୂଲ୍ୟବାନ ଜୀବନ ମଧ୍ୟ ଯାଉଛି। ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଗୋରୁଙ୍କ ମଳ ରାସ୍ତାରେ ପଡି ରହୁଛି। ବର୍ଷା ଋତୁରେ ଏହା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି।

ସୁବର୍ଣ୍ଣପୁର ପୌରପାଳିକାରେ ନିଜସ୍ୱ କାଞ୍ଜିଆହୁଦା ନାହିଁ। ସେହିପରି ଜିଲାରେ ଗୋଶାଳା ନ ଥିବାରୁ ଏତେ ସଂଖ୍ୟକ ବୁଲାଗୋରୁଙ୍କୁ ରଖିବା ସମ୍ଭବ ହେଉନି। ରାସ୍ତାରେ ଗାଈ, ବାଛୁରି, ବଳଦ ଓ ଷଣ୍ଢଙ୍କ ଅବାଧ ବିଚରଣ ସହରବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ସହରର ଜନଗହଳିପୂର୍ଣ୍ଣ ରାସ୍ତା ହେଉ କି ବଜାର ସବୁଠି ଗୋରୁ ଗୋଠ। ରାସ୍ତା ଉପରେ ଅଧିକାଂଶ ସମୟରେ ସେମାନେ ଶୋଇ ରହୁଛନ୍ତି । ହର୍ନ ବାଜିଲେ ବି ରାସ୍ତାରୁ ହଟୁ ନାହାନ୍ତି । ଚାରିଚକିଆ ତ ଦୂରର କଥା ଦୁଇଚକିଆ ଯାନରେ ମଧ୍ୟ ଯାଇ ହେଉନି। ସହର ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥରେ ମଧ୍ୟ ସମାନ ଅବସ୍ଥା। ଲୋକେ ଅତିଷ୍ଠ ହେଲେଣି। ପୂର୍ବରୁ ସହରରେ ଥିବା କାଞ୍ଜିଆହୁଦାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ ହେଉନି। ମାତ୍ର ପୌର ପ୍ରଶାସନ ଚେଇଁ ଶୋଇଛି। ଲୋକେ ଗୋରୁ ରଖିଛନ୍ତି, କିନ୍ତୁ ସେମାନଙ୍କ ଯତ୍ନ ନେଉ ନାହାନ୍ତି। ଅଧିକାଂଶ ଲୋକଙ୍କ ଘରେ ଗୁହାଳ ନାହିଁ। ହେଲେ ପୌରପାଳିକା ପକ୍ଷରୁ ଏଭଳି ଗୋରୁ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଅନ୍ୟପକ୍ଷେ ଗୋଚର ଓ ସରକାରୀ ପଡିଆ ଜମିଗୁଡିକ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ଆଉ କିଛି ଗୋଚର ଜମିରେ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଖାଲି ପଡିଥିବା ସ୍ଥାନଗୁଡିକରେ ନୂତନ ଭାବେ ଘର ନିର୍ମାଣ ହେଲାଣି। ଚାରଣ ଭୂମି କମି କମି ଯାଉଥିବାରୁ ଗୋରୁଙ୍କ ପାଇଁ ଖାଦ୍ୟାଭାବ ସୃଷ୍ଟି ହୋଇଛି। ସେମାନେ ବିଭିନ୍ନ ଦୋକାନ ଅବା ଘର ଭିତରକୁ ପଶି ଜିନିଷପତ୍ର ଖାଇବାକୁ ଟାଣି ଆଣୁଥିବା ଦେଖିବାକୁ ମିଳୁଛି। ବୁଲା ଗୋରୁ ସହରବାସୀଙ୍କୁ ନାକେଦମ କଲେଣି। ସହରର ଆଭ୍ୟନ୍ତରୀଣ ରାସ୍ତା ଜବରଦଖଲ ଯୋଗୁ ଅଣଓସାରିଆ ହୋଇଥିବାରୁ ଯାନବାହାନ ଚାଳକଙ୍କୁ ଅସୁବିଧା ହେଉଛି। ଗଳିରାସ୍ତା ସମେତ ମୁଖ୍ୟରାସ୍ତା ଓ ସରକାରୀ କାର୍ଯ୍ୟାଳୟ ଆଗରେ ବୁଲାଗୋରୁଙ୍କ ଦୌରାତ୍ମ୍ୟ ପଥଚାରୀଙ୍କ ଚିନ୍ତା ବଢାଇଛି। ସଙ୍କୁଚିତ ରାସ୍ତାରେ ଗୋରୁଙ୍କ ଭିଡ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍‌ଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ପଦକ୍ଷେପ ନିଆଯିବ। ଲୋକେ ବେଆଇନ ଭାବେ ଗୋରୁ ଛାଡୁଛନ୍ତି। ରାତିରେ ଗୁହାଳକୁ ନେଉ ନାହାନ୍ତି। ମାଇକ୍ ପ୍ରଚାର ଦ୍ୱାରା ଲୋକଙ୍କୁ ପ୍ରଥମେ ସଚେତନ କରାଯିବ। ନିୟମ ନ ମାନିଲେ ଜରିମାନା ଆଦାୟ ହେବ। ମାଲିକ ନ ମିଳିଲେ ବୁଲା ଗୋରୁଙ୍କୁ ସହର ବାହାରେ ସୁରକ୍ଷିତ ସ୍ଥାନରେ ଛଡାଯିବ ବୋଲି ସେ କହିଥିଲେ।


ସୁବର୍ଣ୍ଣପୁର ମହାନଦୀ ବ୍ରିଜ୍ ଉପରେ ବୁଲା ଗୋରୁ।

